**REGIONAL NEWS UNIT, AIR CUTTACK**

**Mid-day Bulletin (2.32PM)**

**10 January - 2025**

**********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହକୁ ଆଉ କିଛି ସମୟ ପରେ ସମ୍ବୋଧନ କରିବେ ରାଷ୍ଟ୍ରପତି

— ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଯୋଗଦାନ ପାଇଁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

- ମହିଳା ସଶକ୍ତୀକରଣ ବିକଶିତ ଭାରତର ଲକ୍ଷ୍ୟ ପୂରଣରେ ସହାୟକ ହେବ; କହିଲେ, ବୈଦେଶିକ ବ୍ୟାପାର ମନ୍ତ୍ରୀ

- ସାଂସ୍କୃତିକ ଗୌରବର ବୈଶ୍ୱିକ ଏକତାର ସ୍ୱର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହିନ୍ଦୀ ଦିବସ

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ଆଜି ଶ୍ରଚି ରାଢ଼ ବେଙ୍ଗଲ ଟାଇଗର୍ସ ଏବଂ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା

## ରାଷ୍ଟ୍ରପତି - ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ତ୍ରି-ଦିବସୀୟ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ଣରେ ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧନ କରିବେ। ରାଷ୍ଟ୍ରପତି ଜନତା ମୈଦାନ ପହଞ୍ଚିବା ପରେ ଓଡ଼ିଶା ପାଭେଲିୟନ୍‌ରେ ପ୍ରଦର୍ଶିତ ରାଜ୍ୟର ଉତ୍କୃଷ୍ଟ କଳା, କାରିଗରୀ, ତାରକସି କାମ ଓ ବିଭିନ୍ନ ପାରମ୍ପରିକ କଳାକୃତିର ନିଦର୍ଶନ ଦେଖିଛନ୍ତି। ରାଷ୍ଟ୍ରପତି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେ ଜଣ ପ୍ରବାସୀ ଭାରତୀୟଙ୍କୁ ଆଜି ସମ୍ମାନିତ କରିବେ । ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଡକ୍ଟର ଏସ୍.ଜୟଙ୍କର, ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, କୀର୍ତ୍ତିବର୍ଦ୍ଧନ ସିଂହ ଏବଂ ପବିତ୍ର ମାର୍ଗେରିଟା ଉପସ୍ଥିତ ରହିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଆନୁଷ୍ଠାନିକ ଭାବେ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ସଫଳ ଓ ସ୍ୱତନ୍ତ୍ର କରିଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ପ୍ରବାସୀ ଭାରତୀୟ-ଏସ୍. ଜୟଶଙ୍କର

ମହିଳା ସଶକ୍ତୀକରଣ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କର କହିଛନ୍ତି। ଭୁବନେଶ୍ୱର ଜନତା ମୈଦାନରେ ପ୍ରବାସୀ ଭାରତୀୟ ସମ୍ମିଳନୀରେ ନାରୀଶକ୍ତି ଏବଂ ପ୍ରଭାବର ଉତ୍ସବ ସମ୍ପର୍କରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଯୋଗଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଅସମାନତା ଜନ୍ମ ସମୟରେ ପରିବାରରୁ ହିଁ ଆରମ୍ଭ ହୋଇଥାଏ। ଐତିହାସିକ, ପରମ୍ପରାଗତ ଓ ସାମାଜିକ ଚଳଣିରେ ଥିବା ସମସ୍ୟାଗୁଡ଼ିକର ସମାଧାନ ହେଲେ ବିକାଶ ହୋଇପାରିବ। ସମାଜରେ ତୃଣମୂଳସ୍ତରରେ ରହିଥିବା ନାରୀକୈନ୍ଦ୍ରିକ ସମସ୍ୟା ମହିଳାଙ୍କ ସାମଗ୍ରୀକ ଉନ୍ନତିରେ ବାଧକ ସାଜିଥାଏ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାଙ୍କ ପଞ୍ଜୀକରଣ ବୃଦ୍ଧି, ଲିଙ୍ଗଗତ ସମାନତାରେ ସୁଧାର, ମୁଦ୍ରା ଯୋଜନାରେ ୩୦ କୋଟି ମହିଳା ଉଦ୍ୟୋଗପତିଙ୍କୁ ଋଣ ପ୍ରଦାନ ଆଦି ଉପରେ ଡକ୍ଟର ଜୟଶଙ୍କର ତଥ୍ୟ ଉପସ୍ଥାପନ କରିଥିଲେ। ଅଧିବେଶନରେ ବିଭିନ୍ନ କ୍ଷେତ୍ରରେ ବିଶ୍ୱସ୍ତରରେ ପ୍ରତିନିଧିତ୍ୱ କରୁଥିବା ସଫଳ ମହିଳାଙ୍କ କାହାଣୀ ଉପରେ ଆଲୋଚନା କରାଯାଇଥିଲା।

## ପ୍ରବାସୀ ଭାରତୀୟ-ଗଜେନ୍ଦ୍ର ସିଂ ଶେଖାୱତ୍

ଭାରତର ସଂସ୍କୃତି ଓ ସାଂସ୍କୃତିକ ମୂଲ୍ୟବୋଧ ଏବଂ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ତି। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ସଂସ୍କୃତି, ସମ୍ପର୍କ ଏବଂ ଆତ୍ମୀୟତାର ଗାଥା ସମ୍ପର୍କରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ

ଯୋଗଦେଇ ଶ୍ରୀ ଶେଖାୱତ୍ କହିଛନ୍ତି, ରାଷ୍ଟ୍ରର ମହାନତା ତାର ପ୍ରବାସୀଙ୍କ ସହ ସୁସମ୍ପର୍କ ସ୍ଥାପନରେ ରହିଥାଏ। ରାଷ୍ଟ୍ରର ଶକ୍ତି କେବଳ ସମ୍ବଳ କିମ୍ବା ଭୂଗୋଳରେ ସୀମିତ ନୁହେଁ; ବରଂ ଲୋକଙ୍କ ସହ ସମ୍ପର୍କ ବଜାୟ ରଖିବାରେ ସୀମିତ ଥାଏ। ଭାରତୀୟମାନେ ବିଦେଶରେ ନିଜସ୍ୱ ପରିଚୟ ସୃଷ୍ଟି କରିବା ସହ ଦେଶର ସାଂସ୍କୃତିକ ମୂଲ୍ୟବୋଧକୁ ନୂତନ ଶିଖରରେ ପହଞ୍ଚାଇଛନ୍ତି। ଭାରତ ଯୋଗ, ଆୟୁର୍ବେଦ, ଖାଦ୍ୟ ଓ କଳା ପାଇଁ ପ୍ରସିଦ୍ଧି ଲାଭ କରିଛି। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସଫଳ ପ୍ରବାସୀ ଭାରତୀୟଙ୍କୁ ନିଜ ଦେଶ ସହ ଯୋଡ଼ି ରଖିବାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସକୁ ଶ୍ରୀ ଶେଖାୱତ୍ ପ୍ରଶଂସା କରିଛନ୍ତି।

**- V/O -**

ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପାଇଁ ଭୁବନେଶ୍ୱରକୁ ବିଭିନ୍ନ ଦେଶର ପ୍ରବାସୀ ଭାରତୀୟମାନେ ଆସିଛନ୍ତି। ଆମେରିକାରେ ରହୁଥିବା ଗୁଜୁରାଟ ଅହମ୍ମଦାବାଦର ଦିବୈତା ଭଟ୍ଟ ଆକାଶବାଣୀ ସମାଚାର କଟକକୁ କହିଛନ୍ତି....

**- V/O –**

# ହିନ୍ଦୀ ଦିବସ

ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଆଜି ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଉଛି । ହିନ୍ଦୀ ଭାଷା ସାଧାରଣ ଭାବରେ ସରଳ ସମୃଦ୍ଧ ଭାଷା ହୋଇଥିବାରୁ ବିଶ୍ୱର ସବୁଠାରୁ ଅଧିକ କୁହାଯାଉଥିବା ୫ଟି ଭାଷା ମଧ୍ୟରେ

ହିନ୍ଦୀ ଭାଷା ସ୍ଥାନ ପାଇଛି । ୧୯୭୫ ମସିହାରେ ଆଜିର ଦିନରେ ନାଗପୁରରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ପ୍ରସ୍ତାବ ହୋଇଥିଲା । ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରୁଛନ୍ତି । ଭାରତ ବ୍ୟତୀତ ମରିସସ୍, ଫିଜି, ସୁରିନାମ, ଗୁଆନା, ତ୍ରିନିଦାଦ ଏବଂ ନେପାଳରେ ହିନ୍ଦୀ ଭାଷାକୁ କଥିତ ଭାଷା ଭାବରେ ବ୍ୟବହାର କରାଯାଇଥାଏ । ଚଳିତବର୍ଷର ବିଶ୍ୱ ହିନ୍ଦୀ ଦିବସର ବାର୍ତ୍ତା ହେଉଛି 'ସାଂସ୍କୃତିକ ଗୌରବର ବୈଶ୍ୱିକ ଏକତାର ସ୍ୱର' ।

## ଦୁର୍ଘଟଣା

**ନୂଆପଡ଼ା** ଜିଲ୍ଲା ସିନାପାଲିରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ଦୁର୍ଘଟଣାରେ ହୋଇ ୪ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି। ସୂଚନା ଅନୁସାରେ, ବସ୍‌ଟି ତେଲେଙ୍ଗାନା ଖମମ-ସୂର୍ଯ୍ୟପେଟ ଜାତୀୟ ରାଜପଥରେ ଯାଉଥିବାବେଳେ ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ପ୍ରାରମ୍ଭିକ ସୂଚନା ଅନୁସାରେ, ପ୍ରବଳ କୁହୁଡ଼ି ଯୋଗୁଁ ବସ୍ ଚାଳକ ଟ୍ରକ୍‌ଟିକୁ ଦେଖି ପାରି ନଥିଲେ। ଦୁର୍ଘଟଣାସ୍ଥଳରେ ବସ୍ ଚାଳକ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି।

ଅନ୍ୟ ଏକ ଘଟଣାରେ **ନୟାଗଡ଼** ଜିଲ୍ଲା ଖଣ୍ଡପଡା ବ୍ଲକ୍‌ର ଗୁଣ୍ଠୁଣି ଗ୍ରାମରୁ ପ୍ରାୟ ୪୫ ଜଣ ଯାତ୍ରୀଙ୍କୁ ନେଇ ଗତକାଲି ରାତିରେ କାଳିଜାଇ ଅଭିମୁଖେ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ପୁଲିସ୍ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ।

## ୫୦ ପ୍ରତିଶତ ରିହାତି

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆସନ୍ତା ୧୩ ତାରିଖରୁ ହେବାକୁ ଥିବା ମହାକୁମ୍ଭ ମେଳା ପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪ଟି ସହରରୁ ଅଯୋଧ୍ୟାକୁ ବସ୍ ଚଳାଚଳର ବ୍ୟବସ୍ଥା କରାଯାଇଥିବା ରାଜ୍ୟ ସଡକ ପରିବହନ ନିଗମ-ଓଏସ୍ଆରଟିସି ପକ୍ଷରୁ ସୂଚନା ମିଳିଛି। ଗଣମାଧ୍ୟମକୁ ସୂଚନା ଦେଇ ଓଏସ୍ଆର୍‌ଟିସି'ର ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ଅଯୋଧ୍ୟାକୁ ୮ଟି ବସ୍ ଚାଲିବ। ଭୁବନେଶ୍ୱରରୁ ଅଯୋଧ୍ୟାକୁ ଧାର୍ଯ୍ୟ ଭଡାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି କରାଯାଇଛି। ଓଏସ୍ଆର୍‌ଟିସି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଅଯୋଧ୍ୟାରେ ରହିବା, ଖାଇବାର ବ୍ୟବସ୍ଥା କରାଯାଇଥିବା ଶ୍ରୀ ସେଠୀ କହିଛନ୍ତି।

## କୁମ୍ଭବାଣୀ

ମହାକୁମ୍ଭ-୨୦୨୫କୁ ସମର୍ପିତ ଆକାଶବାଣୀର କୁମ୍ଭବାଣୀ ଚ୍ୟାନେଲ୍ ଆଜି ଉତ୍ତରପ୍ରଦେଶର ପ୍ରୟାଗରାଜରେ ଲୋକାର୍ପିତ ହୋଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଚ୍ୟାନେଲ୍‌କୁ ଲୋକାର୍ପଣ କରି କହିଛନ୍ତି, କୁମ୍ଭବାଣୀ ଅଧିକ ଲୋକପ୍ରିୟ ହେବା ସହ ଦୂରଦୂରାନ୍ତ ଅଞ୍ଚଳରେ ଲୋକମାନଙ୍କ ନିକଟରେ ପହଞ୍ଚି ପାରିବ । ମହାକୁମ୍ଭ ସଂପର୍କରେ ସମସ୍ତ ତଥ୍ୟ ଏହା ମାଧ୍ୟମରେ ପ୍ରସାରିତ ହେବ ବୋଲି ସେ କହିଛନ୍ତି । ମହାକୁମ୍ଭର ଲୋକପ୍ରିୟତା ଓ କୋଟିକୋଟି ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ଆଗମନ ଦୃଷ୍ଟିରୁ କୁମ୍ଭବାଣୀ ଚ୍ୟାନେଲ୍ ଉପାଦେୟ ହେବ ବୋଲି ସେ କହିଛନ୍ତି ।

ଶ୍ରୀ ଆଦିତ୍ୟନାଥ କହିଛନ୍ତି, ଦେଶର ସଂସ୍କୃତି ଓ ଲୋକ ପରମ୍ପରାକୁ ସହଜରେ ପହଞ୍ଚାଇବାର ଏକମାତ୍ର ମାଧ୍ୟମ ହେଉଛି ଆକାଶବାଣୀ । ଏହି ଅବସରରେ ସେ କିଭଳି ପିଲାବେଳେ ଆକାଶବାଣୀରୁ ରାମଚରିତ ମାନସ ଶୁଣୁଥିଲେ, ସେ ସଂପର୍କରେ କହିଥିଲେ । କୁମ୍ଭବାଣୀ ଜରିଆରେ ପ୍ରସାର ଭାରତୀ ମହାକୁମ୍ଭର ପ୍ରତ୍ୟେକଟି ଘଟଣାକୁ ଲୋକଙ୍କ ପାଖରେ ପହଞ୍ଚାଇବ ବୋଲି ସେ କହିଛନ୍ତି । ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ କୁମ୍ଭ ମଙ୍ଗଳ ଧୁନ୍ ଉନ୍ମୋଚନ କରିଛନ୍ତି ।

## ଓଏସ୍ଏସ୍‌ଟିଇଟି ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା- ଓଏସ୍ଏସ୍‌ଟିଇଟି-୨୦୨୪ ଆସନ୍ତା

୧୭ ତାରିଖରେ ଅନୁଷ୍ଠିତ ହେବ। ପ୍ରଥମ ସିଟିଂ ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ ଏବଂ ଦ୍ୱିତୀୟ ସିଟିଂ ଅପରାହ୍ଣ ୨ଟାରୁ ଆରମ୍ଭ ହୋଇ ୪ଟାରେ ଶେଷ ହେବ । ଏହି ପରୀକ୍ଷା ପାଇଁ ମୋଟ୍ ୫୦ହଜାର ୫୮୭ଜଣ ପରୀକ୍ଷାର୍ଥୀ ନାମ ପଞ୍ଜିକରଣ କରିଛନ୍ତି । ରାଜ୍ୟର ୧୮୩ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି ।

## ମତଦାତା ଦିବସ

ଦେଶବ୍ୟାପୀ ଆସନ୍ତା ୨୫ ତାରିଖରେ ୧୫ତମ ଜାତୀୟ ମତଦାତା ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ଉପଖଣ୍ଡ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ମତଦାତା ଦିବସ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାର ଆୟୋଜନ ହେବ।

# ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ଶ୍ରଚି ରାଢ଼ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ସଂଧ୍ୟାରେ ଖେଳାଯାଇଥିବା ପୁରୁଷ ବର୍ଗ ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲ୍‌ରେ

ଗୋନାସିକାକୁ ପରାସ୍ତ କରି ବିଜୟୀ ହୋଇଛି । କଳିଙ୍ଗ ଲାନ୍ସର୍ସ ୫ଟି ମ୍ୟାଚ୍‌ରୁ ମୋଟ୍ ୭ ପଏଣ୍ଟ ପାଇଥିବାବେଳେ ଗୋନାସିକା ଦଳ ୪ ପଏଣ୍ଟ ପାଇଛି ।

*******************************